# "ପରିଶ୍ରା କରିବା ବାହାନାରେ ଗାଧୁଆଘର ଭିତରେ ମିଛୁଆ ଭଗବାନଙ୍କୁ ଡାକି କାନ୍ଦିବାକୁ ପଡୁଛି" !

ମୁଁ ସାନ୍ତନୁ ସ୍ୱାଇଁ (ଛଦ୍ମନାମ) । ଘର ପୁରୀ ଜିଲ୍ଲାରେ । ବାପା କୋର୍ଟରେ ମୋହରିୟର୍ ଭାବରେ କାମ କରନ୍ତି । ଆମେ ଦୁଇ ଭାଇ ଦୁଇ ଭଉଣୀ, ଆର୍ଥିକ ସ୍ଥିତି ସେତେଟା ସୁଦୃଢ଼ ନୁହେଁ । ତେଣୁ ବହୁ କଷ୍ଟରେ ପିଲାଦିନେ ପାଠ ପଢୁଥିଲି । ବାପାଙ୍କର କୋର୍ଟରେ କାମ କରି କରି ବହୁତ ଇଚ୍ଛା ଥିଲା ଯେ, ଆମ ପରିବାରରୁ କେହି ଜଣେ ଓକିଲ ହେବା ପାଇଁ । ମାତ୍ର ଘରର ଆର୍ଥିକ ଅବସ୍ଥା ଏହା କରାଇବା ପାଇଁ ସୁଯୋଗ ଦେଲାନାହିଁ । ଦୁଇ ଭଉଣୀ ବଡ଼ କଷ୍ଟରେ ବିବାହ କଲେ । ଏହାପରେ ମୁଁ ଏକ ଘରୋଇ ଟି.ଭି. ଚାନେଲ୍‌ରେ ସ୍ୱଳ୍ପ ଦରମାରେ କାମ କରିବାକୁ ଲାଗିଲି ମୋର ବିବାହ ପାଇଁ ବହୁ ଜାଗାରୁ ପ୍ରସ୍ତାବ ମଧ୍ୟ ଆସିଲା । ମାତ୍ର ଖୋର୍ଦ୍ଧା ନିକଟର ଏକ ଗ୍ରାମରୁ ଓକିଲାତି କରୁଥିବା ଏକ ଝିଅର ପ୍ରସ୍ତାବ ମୋ ଦୂର ସମ୍ପର୍କୀୟ ମଉସା ଆଣି ଆସିଲେ । ବାପାଙ୍କର ଓକିଲାତି ପ୍ରତି ବହୁ ଦୁର୍ବଳତା ଥିବାରୁ ବାପା ଏ ପ୍ରସ୍ତାବ ପଛରେ ଲାଗି ପଡ଼ିଲେ ଏବଂ ୨୦୧୩ ମସିହା ଜୁନ୍ ମାସରେ ଖୋର୍ଦ୍ଧା ନିକଟସ୍ଥ ଏକ ଗ୍ରାମରେ ମୋର ବାହାଘର ହେଲା । ବାହାଘର ପରେ ମାତ୍ର ୧୫ଦିନ ସବୁ ଠିକ୍ ଠାକ୍ ଚାଲିଥିଲା । ମାତ୍ର ଏହାପରେ ଛୋଟ ଛୋଟ କଥାରେ ମୋ ସ୍ତ୍ରୀ କେସ୍ କରି ଜେଲ୍‌ରେ ପୁରାଇ ଦେବି ଓ ପରିବାରକୁ ବରବାଦ୍ କରାଇ ଦେବାର ଧମକ ଦିଆଗଲିଲା । ଏପରିକି ମୁଁ ତୁମ ଗାଁରେ ରହିବନି ବୋଲି କହିବା ସହ ବାପା ମା'ଙ୍କର ସେବା କରିପାରିବିନି ବୋଲି କହି ଚାଲିଲେ । ବାପା ମୋର ଏବେ ପାରାଲିସିସ୍ ରୋଗୀ । ଇତି ମଧ୍ୟରେ ଜୁନ୍ ୨୦୧୪ ମସିହାରେ ଆମର ଏକ ପୁତ୍ର ସନ୍ତାନ ଜନ୍ମ ହେଲା । ମାତ୍ର ବାହାଘରର ମାତ୍ର କେଇଦିନ ପରେ ସ୍ତ୍ରୀ ଯାଇ ତାଙ୍କ ବାପ ଘରେ ରହୁଛନ୍ତି । ମୋତେ ଚାପ ସୃଷ୍ଟି କରୁଛନ୍ତି ଯେ, ତାଙ୍କ ଘରେ ଯାଇ ମୁଁ ରହିବାପାଇଁ । ମାତ୍ର ଏହା ସମ୍ପୂର୍ଣ୍ଣ ମୋ ପକ୍ଷରେ ଅସମ୍ଭବ କହିବାରୁ ମୋ ପୁଅକୁ ମଧ୍ୟ ମୋତେ ଦେଖା କରାଇବା ପାଇଁ ଦେଉନାହାଁନ୍ତି । ଇତି ମଧ୍ୟରେ ମୋ ନାମରେ ଏକ ଯୌତୁକ ନିର୍ଯ୍ୟାତନା ମାମଲା ରୁଜୁ କରାଯାଉଛି । ଏଥିରେ ମୁଁ ମାନ୍ୟବର ଉଚ୍ଚ ନ୍ୟାୟାଳୟରୁ ଜାମିନ୍ ପାଇଛି । ତା'ପୂର୍ବରୁ ରାଜ୍ୟ ମହିଳା କମିଶନ୍‌ରେ ଦରଖାସ୍ତ ଦିଆଯାଇଥିଲା । ତା- ୩୧-୦୮-୨୦୧୫ ରିଖ ଦିନ ମାନ୍ୟବର ମହିଳା କମିଶନ୍‌ଙ୍କ ନିର୍ଦ୍ଦେଶ ଅନୁସାରେ ମୋ ସ୍ତ୍ରୀ ଯାଇ ଆମ ଘରେ ରହିବା କଥା । ମାତ୍ର ତାହା ସେ କଲେ ନାହିଁ । ଏପରିକି ଭୁବନେଶ୍ୱର ଡି.ସି.ପି.ଙ୍କ ଅଫିସ୍‌ରେ ଚାଲୁଥିବା ମାଧ୍ୟମ କାର୍ଯ୍ୟାଳୟ ଦରଖାସ୍ତ ଦିଆଯାଇ ଥିଲା । ସେଥିରେ ମଧ୍ୟ ସେହି ଏକା ଅବସ୍ଥା । ଏପରିକି ସମସ୍ତ ବିଷୟ ଦରଖାସ୍ତ ଆକାରରେ ଲେଖି ତା – ୧୦-୧୦-୨୦୧୫ ରିଖ ଦିନ ଆମ ଥାନାରେ ମୁଁ ଜଣାଇଥିଲି । ଯାହାକି ଷ୍ଟେସନ ଡାଇରି ହୋଇଅଛି । କିନ୍ତୁ ଦୁଃଖର କଥା ମୋର କୌଣସି ଦରଖାସ୍ତ ବିଚାରକୁ ନନିଆଯାଇ ମୋର ସ୍ତ୍ରୀର ଯୌତୁକ ଜନିତ ନିର୍ଯ୍ୟାତନା ମାମଲାକୁ ପଞ୍ଜିକରଣ କରାଗଲା । ବର୍ତ୍ତମାନ୍ ମୋ ସ୍ତ୍ରୀ ମୋ ନାମରେ ଭରଣପୋଷଣ ଜନିତ ମକଦ୍ଦମା କରିଛି । ମୋର ଘରେ ରୋଗୀଣା ବାପ ଏବଂ ଘରର ସମସ୍ତ ଆର୍ଥିକ ବୋଝ ମୋତେ ହିଁ ଉଠାଇବାକୁ ପଡୁଛି । ତାରିଖ ଦିନ କୋର୍ଟକୁ ଗଲାବେଳେ ସ୍ତ୍ରୀ ଯେହେତୁ ସେହି କୋର୍ଟରେ କାର୍ଯ୍ୟ କରୁଛି, ତାର ସାଙ୍ଗମାନେ ମୋତେ ଟାହିଟାପରା କରୁଛନ୍ତି । ଯାହାକି ମୋତେ ଗଭୀର ମାନସୀକ ଆଘାତ ଦେଉଛି । ମୋର କୌଣସି ଭୁଲ୍ ନଥାଇ ମଧ୍ୟ ମୁଁ ଆଜି କେତେଯେ ଦଣ୍ଡ ପାଉଛି ତାହା ବର୍ଣ୍ଣନା କରିବା ମୋ ପାଖରେ ସମ୍ଭବ ନୁହେଁ । ଗଣମାଧ୍ୟମରେ ଚାକିରୀ କରିଥିବାରୁ କେହି କେହି ଏହି ଅସୁବିଧା ବିଷୟରେ ଜାଣିଛନ୍ତି । ମାତ୍ର ଆଉ କିଛି ସାଙ୍ଗମାନେ ଆସି ପୁଅ ବିଷୟରେ ପଚାରିଲାପରେ କମ୍ପ୍ୟୁଟର ଟେବୁଲ୍‌ରୁ ଉଠିଯାଇ "ପରିଶ୍ରା କରିବା ବାହାନାରେ ଗାଧୁଆଘର ଭିତରେ ମିଛୁଆ ଭଗବାନଙ୍କୁ ଡାକି କାନ୍ଦିବାକୁ ପଡୁଛି" । ଏପରିକି ଏ କଷ୍ଟରୁ ମୁକ୍ତି ପାଇବା ପାଇଁ ବହୁଥର ଆତ୍ମହତ୍ୟା କରିଦେବି ବୋଲି ମନକୁ ଆସୁଛି । ଏବେ ମୋତେ ଲାଗୁଛି ଯେମିତି ଏ ଦେଶର ପୁରୁଷମାନେ ଏବେ ସମ୍ମାନର ସହ ବଞ୍ଚିବାର ଅଧିକାରକୁ ହରାଇ ବସିଛନ୍ତି...............

ବ୍ୟୋମକେଶ ତ୍ରିପାଠୀ (ଆଇନ୍‌ଜୀବୀ)
ପୁରୁଷ କମିଶନ୍ (ଆବାହକ)
ମୋ- ୯୪୩୭୧୬୪୩୯୯

ବି.ଦ୍ର: ଆପଣଙ୍କ ଜାଣତରେ ଯଦି କେଉଁଠି ପୁରୁଷ ନିର୍ଯ୍ୟାତନା ହେଉଛି ତେବେ ଆମକୁ ଜଣାନ୍ତୁ ଯଥା ସମ୍ଭବ ଆମେ ଆଇନ୍‌ଗତ ସହଯୋଗ କରିବୁ ।